# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**28 April - 2026**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ୮୦୦ ବିଦ୍ୟାଳୟକୁ ପିଏମ୍‌ଶ୍ରୀ ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ

— କେନ୍ଦୁଝର ଜିଲ୍ଲା ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ପ୍ରଶାସନିକ ତଥ୍ୟର ସମନ୍ୱୟ ବିଷୟ ନେଇ ଆରମ୍ଭ ହେବ ଜାତୀୟ ସମ୍ମିଳନୀ

- ଓଡ଼ିଶା ସହରାଞ୍ଚଳ ଶୋଧିତ ବ୍ୟବହୃତ ଜଳର ପୁନର୍ବ୍ୟବହାର ନୀତି ୨୦୨୬କୁ ଅଧିସୂଚିତ କଲେ ସରକାର

ଏବଂ

- ଝାରସୁଗୁଡ଼ା ଜିଲ୍ଲାରେ ଚଳିତ ବର୍ଷ ପ୍ରଥମଥର ପାଇଁ ସର୍ବୋଚ୍ଚ ତାପମାତ୍ର ଅତିକ୍ରମ କଲା ୪୫ ଡିଗ୍ରୀ

— ଗ୍ରୀଷ୍ମଲହରୀ ବୃଦ୍ଧି ପାଇବା ନେଇ ୧୬ଟି ଜିଲ୍ଲାକୁ ସତର୍କ ସୂଚନା

## ମୁଖ୍ୟମନ୍ତ୍ରୀ-କେନ୍ଦୁଝର ଗସ୍ତ

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଚ୍ଛାବାଲି ହାଟପଡ଼ିଆଠାରେ ୧ହଜାର ୬୪୬ କୋଟି ଟଙ୍କା ବ୍ୟୟରେ ଏକ ନୂତନ ବିଦ୍ୟୁତ ଗ୍ରୀଡ୍ ସବଷ୍ଟେସନ୍ ସମେତ ୨ଟି ୨୨୦ କିଲୋଭୋଲ୍ଟ ଗ୍ରୀଡ ସବ୍‌ଷ୍ଟେସନ ଓ ୫ଟି ଟ୍ରାନ୍ସମିଶନ ଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୨୦୩୬ ମସିହା ସୁଦ୍ଧା ୩୪ଟି ନୂଆ ଗ୍ରୀଡ୍ ସ୍ଥାପନ କରାଯିବ। ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ। କେନ୍ଦୁଝରରେ ଜାପାନର ଜେଏଫ୍‌ଇ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ଇଲେକ୍‌ଟ୍ରିକାଲ ଷ୍ଟିଲ୍ ଉତ୍ପାଦନ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -(CM)**

## ମୁଖ୍ୟମନ୍ତ୍ରୀ

ରାଜ୍ୟର ୮୦୦ ବିଦ୍ୟାଳୟକୁ ପିଏମ୍‌ଶ୍ରୀ ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ନିପୁଣ ଓଡ଼ିଶା ମିଶନ ଜରିଆରେ ମୌଳିକ ସାକ୍ଷରତା, ମାତୃଭାଷା ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବିଏନ୍‌କେ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ; ବରଂ ଏହା ହେଉଛି ୫ ଦଶନ୍ଧୀର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା। ରାଜ୍ୟ ସରକାର ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ଉପରେ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

ଗତ ଦୁଇ ବର୍ଷ ମଧ୍ୟରେ ୨୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ସହିତ ୧୩ ହଜାର ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଏନ୍‌କେ ଉଚ୍ଚବିଦ୍ୟାଳୟକୁ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟ ଭାବେ ଉନ୍ନତୀକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତାରାଶି ଘୋଷଣା କରିଛନ୍ତି। ଏହା ସହିତ କୁଟାରୀପୋଷି ପଂଚାୟତକୁ ଏକ ଆଦର୍ଶ ପଂଚାୟତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖମନ୍ତ୍ରୀ ଅଂଚଳର ବିଶିଷ୍ଟ ସମାଜସେବୀ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବିଧାୟକ ସନାତନ ମହାକୁଡ, ଜିଲ୍ଲାପାଳ ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ମିଳନୀ

ଶାସନରେ ପ୍ରଶାସନିକ ତଥ୍ୟର ସମନ୍ୱୟ ବିଷୟବସ୍ତୁକୁ ନେଇ ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଏକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେଉଛି। ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂହ ଯୋଗଦେବେ। ସମ୍ମିଳନୀରେ ତୃଣମୂଳ ସ୍ତରରେ ତଥ୍ୟ ସମନ୍ୱୟ କ୍ଷେତ୍ରରେ ଦେଖାଦେଉଥିବା ପ୍ରତିବନ୍ଧକ ଗୁଡ଼ିକୁ ଜାଣିବା ଏବଂ ସମାଧାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଏବଂ ଅନ୍ୟ ଅଂଶୀଦାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଗତ ଫେବୃୟାରୀ ମାସ ୨୪ ତାରିଖରେ ନୂଆଦିଲ୍ଲୀଠାରେ ଏ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

## ଦୁର୍ଘଟଣା

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ତହସିଲରେ ସଡକ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

## ଜଳ ସ୍ଥିରତା

ରାଜ୍ୟରେ ଜଳ ସ୍ଥିରତା ସୁନିଶ୍ଚିତ କରିବା ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଏକ ଚକ୍ରାକାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଦିଗରେ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ଓଡ଼ିଶା ସହରାଞ୍ଚଳ ଶୋଧିତ ବ୍ୟବହୃତ ଜଳର ପୁନର୍ବ୍ୟବହାର ନୀତି ୨୦୨୬କୁ ଅଧିସୂଚୀତ କରାଯାଇଛି। ଏହି ନୀତି ବ୍ୟବହୃତ ଅପରିଷ୍କାର ଜଳକୁ ଏକ ମୂଲ୍ୟବାନ ଅର୍ଥନୈତିକ ସମ୍ବଳରେ ପରିଣତ କରିବା ଦିଗରେ କାର୍ଯ୍ୟଖସଡା ପ୍ରଦାନ କରିବ। ଏହା ସହ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଦେଖା ଦେଉଥିବା ଋତୁକାଳୀନ ଏବଂ ସ୍ଥାନୀୟ ଜଳସଙ୍କଟର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ ୨୦୩୦ ସୁଦ୍ଧା ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ବ୍ୟବହୃତ ଜଳର ୧୦୦ ପ୍ରତିଶତ ସଂଗ୍ରହ ଓ ଶୋଧନ କରାଯିବ। ୨୦୩୬ ସୁଦ୍ଧା ଶୋଧିତ ଜଳର ପୁନର୍ବ୍ୟବହାର ପରିମାଣକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି।

## ଡବ୍ଲ୍ୟୁବି ପୋଲିଂ

ପଶ୍ଚିମବଙ୍ଗରେ ଆସନ୍ତାକାଲି ଦ୍ୱିତୀୟ  ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ୭ଟି ଜିଲ୍ଲାର ୧୪୨ଟି ଆସନ ପାଇଁ ଭୋଟ୍‌ଗ୍ରହଣ ହେବ। ଏହି ପର୍ଯ୍ୟାୟରେ ୩ କୋଟି ୨୦ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବେ।  ଆସନ୍ତାକାଲି ହେବାକୁ ଥିବା ନିର୍ବାଚନରେ ୧ହଜାର ୪୪୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ସେମାନଙ୍କ ମଧ୍ୟରେ ୨୨୦ଜଣ ମହିଳା ପ୍ରାର୍ଥୀ ଅଛନ୍ତି ।

## ମୁଖ୍ୟମନ୍ତ୍ରୀ-ମଧୁବାବୁ ଜୟନ୍ତୀ

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଆଜି ରାଜ୍ୟବ୍ୟାପୀ ୧୭୮ତମ ଜୟନ୍ତୀ ପାଳନ କରାଯାଉଛି। ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଜଣେ ପ୍ରଖ୍ୟାତ ଜାତୀୟତାବାଦୀ ନେତା ରୂପେ ଉତ୍କଳଗୌରବ ମଧୁସୂଦନ ଦାସ ଯେତିକି ପରିଚିତ, ବିଶିଷ୍ଟ ଆଇନଜ୍ଞ ଭାବେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗରିମାମୟ । ଭାରତୀୟ ମହିଳାଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣ ଭଳି ଯୁଗାନ୍ତକାରୀ ଅଧିକାର ପ୍ରଦାନ କରି ମଧୁବାବୁ ଦେଶର ଆଇନଜୀବୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଜି କେନ୍ଦୁଝରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ମଧୁବାବୁ ଜୟନ୍ତୀ

ମଧୁବାବୁଙ୍କ ଜୟନ୍ତୀରେ **ବୌଦ୍ଧ** ଜିଲ୍ଲାବାସୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଓକିଲ ସଂଘ ଓ ଅନୁଷ୍ଠାନ ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି।

ବୌଦ୍ଧଜିଲ୍ଲା ବରିଷ୍ଠ ନାଗରିକ ମଂଚ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ ପକ୍ଷରୁ ସ୍ୱାଭିମାନ ଦିବସ ଅବସରରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। **ନୂଆପଡ଼ା** ଜିଲ୍ଲା ଓକିଲ ସଂଘ ପକ୍ଷରୁ ସଭାପତି କ୍ଷିତିଶ ଅଶୋକ ବୋଧନକରଙ୍କ ସଭାପତିତ୍ୱରେ ୧୭୮ତମ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୫୦ ବର୍ଷରୁ ଅଧିକ ସମୟ ଆଇନସେବାରେ ନିୟୋଜିତ ଥିବା ତିନିଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟେରାକୋଟା

**ନୂଆପଡ଼ା** ଜିଲ୍ଲାପାଳ ମଧୁସୂଦନ ଦାସ ସିନାପାଲି ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଦାସ ଜଣେ କୁମ୍ଭାର ଘରକୁ ଯାଇ ମାଟିରେ ତିଆରି ସାମଗ୍ରୀକୁ ବୁଲି ଦେଖିଥିଲେ। ଆଗାମୀ ଦିନରେ ଟେରାକୋଟା ମାଧ୍ୟମରେ ସେମାନଙ୍କୁ ତାଲିମ ଦେଇ ଆବଶ୍ୟକ ନିର୍ମାଣ ସାମଗ୍ରୀ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପୋଷଣ ବଗିଚା

**ନବରଙ୍ଗପୁର** ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପୋଷଣ ବଗିଚା ସ୍ଥାପନ ପାଇଁ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟେକ ବିଦ୍ୟାଳୟରେ ପୋଷଣ ବଗିଚା ସ୍ଥାପନ, ଛାତ୍ରଛାତ୍ରୀଙ୍କୁ

ପୁଷ୍ଟିକର ଖାଦ୍ୟ ବଣ୍ଟନ ଏବଂ ପ୍ରାୟୋଗିକ କୃଷି ଜ୍ଞାନ ଉପରେ ଆଲୋଚନା କରାଯାଇଛି।

## ବୁଦ୍ଧ ଜୟନ୍ତୀ-ପ୍ରସ୍ତୁତି ବୈଠକ

**ବୌଦ୍ଧଜିଲ୍ଲା**ରେ ବୁଦ୍ଧଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟିର ଆବାହକ ଦେବାଶୀଷ ପୁରୋହିତ ବୁଦ୍ଧଙ୍କ ଜନ୍ମତିଥିରେ ପାଳନ ହେବାକୁ ଥିବା ବୁଦ୍ଧ ଜୟନ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ।

## ନାରୀଶକ୍ତି ବନ୍ଦନ

**କେନ୍ଦ୍ରାପଡ଼ା** ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ନାରୀଶକ୍ତି ବନ୍ଦନ ଅଧିନିୟମକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଉପରେ ସମ୍ମିଳନୀରେ ଆଲୋଚନା କରାଯାଇଛି।

## ସଚେତନତା କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ମାନସିକ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ବିମଳ ରାଉଳ କାର୍ଯ୍ୟକ୍ରମରେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟସେବା-ବରିଷ୍ଠ

**ନୂଆପଡ଼ା** ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଘରକୁ ଘର ଯାଇ

ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ଆଶା ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବରିଷ୍ଠ ନାଗରିକଙ୍କ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ରକ୍ତ ନମୁନା ପରୀକ୍ଷା କରି ଆବଶ୍ୟକତା ଅନୁଯାୟୀ ମାଗଣା ଔଷଧ ବଣ୍ଟନ କରାଯାଉଛି।

## ପାଠଚକ୍ର

ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗରେ ଦୁଇଦିବସୀୟ ଜାତୀୟ ପାଠଚକ୍ର ଉଦ୍‌ଘାଟିତ ହୋଇଛି। କୁଳପତି ପ୍ରଫେସର ଅସୀମା ସାହୁଙ୍କ ପୃଷ୍ଠପୋଷକତାରେ ଆୟୋଜିତ 'ଭୂବିଜ୍ଞାନର ଆଦ୍ୟତନ ଧାରା' ଶୀର୍ଷକ ପାଠଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ବିଭାଗୀୟ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ମନୋଜ କୁମାର ପଟ୍ଟନାୟକ ଭୂବିଜ୍ଞାନର ଧାରା ସମ୍ପର୍କରେ ଆଲୋଚନା କରିଥିଲେ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଚଳିତବର୍ଷ ପ୍ରଥମ ଥର ପାଇଁ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। ଝାରସୁଗୁଡ଼ାଠାରେ ଆଜି ତାପମାତ୍ରା ୪୫ ଦଶମିକ ୩ ଡିଗ୍ରୀ ସେଲିସିୟସ୍ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ଆଗାମୀ ୫ ଦିନ ପାଇଁ ରାଜ୍ୟର କେତେକ ଜିଲ୍ଲାକୁ ସତର୍କ

ସୂଚନା ଜାରି କରାଯାଇଛି । ଗ୍ରୀଷ୍ମ ଲହରୀ ନେଇ ଆସନ୍ତା ୨୪ଘଣ୍ଟା ପାଇଁ ୧୬ଟି ଜିଲ୍ଲାକୁ  ସତର୍କତା ଜାରି କରାଯାଇଛି ।

ଅନ୍ୟପକ୍ଷରେ, ଆସନ୍ତାକାଲି ପ୍ରାୟ ସମସ୍ତ ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।